# ୫୫୪ଦିନରେ କଳାପତାକା ଅଭିଯାନ




**ଭୁବନେଶ୍ୱର, ୧୨।୧/ଏନ୍‌ଏନ୍‌ଏସ୍:** ଭାଷା ଆନ୍ଦୋଳନ, ଓଡ଼ିଶା ଦୀର୍ଘ ୬୩୯ ଦିନ ଓ କଳାପତାକା ଅଭିଯାନ ୫୫୪ଦିନରେ ପହଞ୍ଚିଛି। ଏହି କଳାପତାକା ଅଭିଯାନରେ ପ୍ରଶାନ୍ତ ବାରିକ, ବୃନ୍ଦାବନ ପ୍ରଧାନ, ଅରବିନ୍ଦ ତ୍ରିପାଠୀ, ଶୀତାଂଶୁ ଶେଖ ମହାରଣା ସାମିଲ ହୋଇଥିଲେ। ଆନ୍ଦୋଳନର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଓ ଆବାହକ ପବିତ୍ର ମହାରଥୀଙ୍କ ଠାରୁ କଳାପତାକା ଓ ଦାବିପତ୍ର ଗ୍ରହଣ କରି ଆନ୍ଦୋଳନକାରୀମାନେ ବିଧାନସଭା ସମ୍ମୁଖ ନବବାବୁଙ୍କ ପ୍ରତିମୂର୍ତ୍ତି ନିକଟରୁ ବାହାରି ମଧୁବାବୁଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଆସିଥିଲେ। ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଅଭିଯାନକୁ ଆବାହକ ପବିତ୍ର ମହାରଥୀ, ନବ କିଶୋର ପ୍ରଧାନ ଓ ଶାରଦା ପ୍ରସାଦ ମହାପାତ୍ର ପାଛୋଟି ନେଇଥିଲେ। ଅନ୍ୟ ଭାଷାପ୍ରାଣମାନେ ଲକ୍ଷ୍ମଣ ଦାଶ, ଗୋବିନ୍ଦ ଶତପଥୀ, ସନ୍ତୋଷ ମିଶ୍ର, ସୌଭାଗ୍ୟ ପଟ୍ଟନାୟକ, ନାରାୟଣ ଖୁଣ୍ଟିଆ, ଶରତ କୁମାର ଜେନା, ଅସୀତ ଦାସ, ସଞ୍ଜୀବ ପଣ୍ଡା, ଉପେନ୍ଦ୍ରନାଥ ସାମନ୍ତସିଂହାର, ଡମ୍ବରୁଧର ହରଣସିଂହ, ମଦନ ମୋହନ ହରିଚନ୍ଦନ ମହାପାତ୍ର, ପ୍ରଦୋଷ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଆବାହକ ପବିତ୍ର ମହାରଥୀ ଜଣାଇଛନ୍ତି ।